ISSN: 2456-9194, Vol. II, Issue. II, Sept 2018

ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ‘ଜୀବନବୋଧର ଦୁର୍ଯୋଗ’: କବି ଭାନୁଜୀ ରାଓଙ୍କ କବିତାର ଅନ୍ତଃସ୍ପନ୍ଦନ

**ସୁଚୀସ୍ମିତା ରାଉତରାୟ**

ଗବେଷିକା, ଉତ୍କଳ ବିଶ୍ୱବିଦ୍ୟାଳୟ,

ବାଣୀବିହାର, ଭୁବନେଶ୍ୱର – ୭୫୧୦୦୪

E-mail: suchismita.routray2009@gmail.com

***ସଂକ୍ଷିପ୍ତ ପରିଚୟ*** *- ମଣିଷ ସମାଜ ସଭ୍ୟତାରେ ଅନେକ ଲୋକ ଜନ୍ମଗ୍ରହଣ କରନ୍ତି ସତ କିନ୍ତୁ ସମାଜକୁ ନେତୃତ୍ୱ ଦେଲାଭଳିଆ ବ୍ୟକ୍ତିତ୍ୱ ସଂଖ୍ୟା ସବୁ କମ୍ । ଯେଉଁମାନେ କି ପରବର୍ତ୍ତୀ କାଳରେ ଉତ୍ତର ପିଢ଼ିକୁ ବିଭିନ୍ନ ଦିଗରୁ ଅନୁପ୍ରାଣିତ କରନ୍ତି ଓ ଦିଗ୍‌ଦର୍ଶନ ପ୍ରଦାନ କରନ୍ତି । ଇତିହାସରେ ଏହି ଶବ୍ଦର ପୁନଃରାବୃତ୍ତି ମଧ୍ୟ ସାହିତ୍ୟରେ ଘଟେ । ସାହିତ୍ୟର ପରିଧି ଭିତରେ ଆବିର୍ଭାବ ପଡୁଥିବା ଅଗଣିତ ଲେଖକମାନଙ୍କ ମଧ୍ୟରୁ ଏମିତି କିଛି ଅଗଣିତ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ କିଛି ପ୍ରଭାବଶାଳୀ ଓ ପ୍ରତିଭାବନ୍ତ କବିମାନଙ୍କର ଆବିର୍ଭାବ ଘଟିଥାଏ ଯେଉଁମାନେ କି ବର୍ଷ ବର୍ଷ ଧରିକି ଯୁଗ ପରେ ଯୁଗ ସେମାନଙ୍କ ଆଦର୍ଶରେ ସେମାନଙ୍କ କବିପଣରେ ସେମାନେ ପରବର୍ତ୍ତୀ ପିଢ଼ିର କବିମାନଙ୍କୁ ବିଭିନ୍ନ ଦିଗରୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଥାନ୍ତି । ଅନ୍ୟକୁ କାଳାନ୍ତରରେ ନିଜର କବିଶକ୍ତିର ପ୍ରାଧାନ୍ୟ ପ୍ରତିଷ୍ଠାକୁ ସମର୍ଥ ହୋଇଥିବା କବିମାନେ କାଳଯୋଗୀୟ ଅସ୍ତିତ୍ୱତା ସେମାନଙ୍କ ଭିନ୍ନତା ଏବଂ ସ୍ୱତନ୍ତ୍ରତାରେ ଦୀର୍ଘ କାଳଧରିକି ସାହିତ୍ୟର ପରମ୍ପରା ଏବଂ ଧାରାକୁ ରୁଚିମନ୍ତ କରନ୍ତି ଏବଂ ତାକୁ ବିଭିନ୍ନ ଭାଗରେ ସମୃଦ୍ଧ କରନ୍ତି ଏବଂ ସାହିତ୍ୟର ଧାରାକୁ ଗତିଶୀଳ କରିବା ଦିଗରେ ସମର୍ଥ ହୋଇଥାନ୍ତି । ଓଡ଼ିଆ ସାହିତ୍ୟ ଇତିହାସରେ ଏଭଳି ଜଣେ ପ୍ରତିଭାସଂପନ୍ନ ବ୍ୟକ୍ତି ହେଉଛନ୍ତି କବି ଭାନୁଜୀ ରାଓ । ଯାହାଙ୍କର କାବ୍ୟ ବୈଶିଷ୍ଟ୍ୟ ଓ କାବ୍ୟଶିଳ୍ପ ତାଙ୍କ ସମସାମୟିକ କାଳର ସୀମା ଅତିକ୍ରମ କରିଛି । ତାଙ୍କ କବିତାରେ ଜୀବନ ପ୍ରତି ଏକ ନୂତନ ନିରୀକ୍ଷା ସ୍ପଷ୍ଟ ଉପଲବ୍ଧ । ପୁରାତନ ନୈତିକତାର ନିଗଡ ତଥା ଗତାନୁଗତିକତାର ଶଗଡଗୁଳାରୁ ସେ ମୁକ୍ତ କରିଛନ୍ତି ଓଡ଼ିଆ କବିତାକୁ । ସେଥିପାଇଁ ତାଙ୍କୁ ଜୀବନଦଶାରେ ମୁକାବିଲା କରିବାକୁ ପଡ଼ିଛି ବହୁ ବିସ୍ଫୋରିତ ବିତର୍କ ଓ ବିବାଦରେ । ଏଠାରେ କବିଙ୍କ ଜୀବନ ମଧ୍ୟରେ ଘଟିଥିବା ଦୁଃଖର ସମୟ, ଦୁର୍ଦ୍ଦିନ ସମୟ, ଉଦାସୀନତା ଭାବକୁ ଏହି ନିବନ୍ଧଟିରେ ଦର୍ଶାଯାଇଛି । ଏହି ନିବନ୍ଧଟି ସଂପୂର୍ଣ୍ଣ ସ୍ୱତନ୍ତ୍ର୍ୟ । ଏହି ନିବନ୍ଧଟି ଲେଖିବା ପାଇଁ ବିଭିନ୍ନ ପତ୍ରପତ୍ରିକା ସାହାଯ୍ୟରେ ମୁଁ ଏହି ନିବନ୍ଧଟି ଲେଖିପାରିଛି ।*

***ପ୍ରମୁଖଶବ୍ଦାବଳୀ**-(Keywords)* - ଧୂସର ହେମନ୍ତ, ମଳିନ ଗୋଧୂଳି, ମାୟାବୀ ସକାଳ, ଗୁଳିବିଦ୍ଧ ପ୍ରହର, ବନ୍ଧ୍ୟାଋତୁ, ବିବର୍ଣ୍ଣ ସନ୍ଧ୍ୟା, ପାଣ୍ଡୁର ଜହ୍ନ, ପରିତ୍ୟକ୍ତ ବତିଘର, ନିର୍ଜନ ନଈପଠା, ବିଷାଦ କୁହୁଡ଼ି, ଭଙ୍ଗା ମାସ୍ତୁଲ, ମଳାନଈ, ନିଃସଂଗ, ନିଳୟ, ଅନ୍ଧଗଳି ପ୍ରଭୃତି ।

ଆଧନିକ ଓଡ଼ିଆ କବିତା କ୍ଷେତ୍ରରେ ଜଣେ ଯଶସ୍ୱୀ ପ୍ରତିଭାବନ କାବ୍ୟପୁରୁଷ ଭାନୁଜୀ ରାଓ । କବି ରାଓ ଆଧୁନିକ ଓଡ଼ିଆ କବିତାର ସ୍ମୃତିଧୌତ ପ୍ରେମାସ୍ପଦ ବିରହର ଅମିଳନ ବାଟିକାଟିଏ । ସେ ଜୀବନକୁ ଯେତିକି ପାଖରୁ ଅନୁଭବିଛନ୍ତି, ଦହିସନ୍ତୁଳି ହୋଇଛନ୍ତି, ଖୋଜିବାରେ ଆତ୍ମିକ ଆନନ୍ଦ ପାଇଛନ୍ତି, ହରାଇବାରେ ଯେତେ ସନ୍ତାପିତ ହୋଇଛନ୍ତି, ତାହା ଏତେ ଭାବେ ଅନ୍ୟ କୌଣସି ଓଡ଼ିଆ କବିଙ୍କ ଭାଗ୍ୟରେ ଜୁଟିବ ନାହିଁ । ଏକନିଷ୍ଠ ପ୍ରେମର ଜଣେ ପରମାସ୍ପଦ ପୂଜାରୀ ହିସାବରେ ପ୍ରେମକୁ ସେ ଯେତେ ଭାବେ ବିଶ୍ଳେଷଣ କରିଛନ୍ତି, ତାହା ହୁଏତ ବହୁ କମ କବିଙ୍କ କଲମରେ ପ୍ରସ୍ଫୁଟିତ ହୋଇଛି ଏଯାଏ । କବି ରାଓ ଶବ୍ଦ ଆବେଗର ବିଚିତ୍ର ଯାଦୁକର, ରୋମାଣ୍ଟିକ ଭାବବେଗର ତନ୍ମୟ କାବ୍ୟଶିଳ୍ପୀ, କବି ରାଓଙ୍କ ଶବ୍ଦଖେଳ ଭିନ୍ନ ଅନ୍ୟ ସମସ୍ତଙ୍କଠାରୁ ଭାରତବର୍ଷରେ କବି ଭାନୁଜୀଙ୍କ ସମସ୍ପର୍ଦ୍ଧା ପ୍ରତିଭାଟିଏ ବିରଳ ନିଶ୍ଚୟ । ତାଙ୍କ କବିତାରେ ଜୀବନ ପ୍ରତି ଏକ ନୂତନ ନିରୀକ୍ଷା ସ୍ପଷ୍ଟ ଉପଲବ୍ଧ ।

ସାରାଜୀବନ ସେ ଥିଲେ ଏକାକୀ, ନିର୍ଜନ ନିଃସଂଗ। ସେ ଏମିତି ଘରଟିଏ ତିଆରି କରିଥିଲେ, ଯାହାର ଝର୍କା ଆଗରେ ଠିଆହୋଇ ଚାରିଆଡକୁ ନିଃସଂଗତା ଆସି ଅଜାଡ଼ି ହୋଇପଡ଼ିବ ଛାତି ଉପରେ । ଭିତରର ନିଃସଂଗତା ଏତେ ନିବିଡ଼ ଯେ ବାହାର ଦୁନିଆର ସଞ୍ଜ, ସକାଳ, ଗୋଧୂଳି, ନଦୀନାରୀ, ନକ୍ଷତ୍ର ତା’ ଭିତରକୁ ପଶିପାରୁନଥିଲା । ନିଃସଂଗତା ହିଁ ଥିଲା ତାଙ୍କର ପରମ ସୁଖଶାନ୍ତି ।

"ଶାନ୍ତିର ଅନ୍ୟନାମ ନିଃସଂଗତା ।"(୧)

ଏଥିପାଇଁ ସାଧାରଣ ଲୋକଙ୍କୁ ପ୍ରଲୁବ୍ଧ କରୁଥିବା ପୃଥିବୀ ତାଙ୍କପାଇଁ ଥିଲା ଭିନ୍ନ। ଏ ପୃଥିବୀରେ ସେ ଦେଖିଛନ୍ତି ଧୂସର ହେମନ୍ତ, ମଳିନ ଗୋଧୂଳି, ମାୟାବୀ ସକାଳ, ଗୁଳିବିଦ୍ଧ ପ୍ରହର, ବନ୍ଧ୍ୟାଋତୁ, ବିବର୍ଣ୍ଣସନ୍ଧ୍ୟା, ପ୍ରଣ୍ଡୁର ଜହ୍ନ, ମଲାନଈ, ଭଙ୍ଗା ମାସ୍ତୁଲ, ବିଷାଦ କୁହୁଡ଼ି । ନିଃସଂଗ ନିଳୟ, ଅନ୍ଧଗଳି, ପରିତ୍ୟକ୍ତ ବତୀଘର, ନିର୍ଜନ ନଈପୀଠ, ମ୍ଳାନ ଓ ଜ୍ୟୋସ୍ନା, ଆଉ ଆଖିପାଉନଥିବା, ଅପନ୍ତରା ଭୂଇଁ ଏଇଥିପାଇଁ ତାଙ୍କ କବିତାସାରା ଛାଇ ହୋଇଥାଏ ଅନ୍ଧକାର ଉଚ୍ଚାରଣ ।

"ବିଚିତ୍ର ଫଗୁଣ ଆଉ ବିଷାଦର ମେଘ" ଅବା
"ବର୍ଷାରାତି ଆକାଶରୁ ଅଶ୍ରୁଧାରା ଝରେ" ଅବା
"ହେମନ୍ତ ସେ କେବଳ ଜଳିଯାଏ ନିର୍ଜନରେ" ଅବା
"ପୃଥିବୀରେ ବିପୁଳ ଅନ୍ଧାର ହଜାର ହଜାର ଅମାନିଶା।"

ଜୀବନସାରା ଅନ୍ଧାର ଭିତରେ ବଞ୍ଚୁଥିବା ଲୋକଟି ପାଇଁ ବାହାର ପୃଥିବୀ ଆଉ କ'ଣ ବା ହୋଇପାରିଥାନ୍ତା? ଏଠି ପ୍ରିୟାର ଚୁମ୍ବନ ବିଷାକ୍ତ ହୋଇଛି ଯେମିତି ଦିଗ୍‌ବଳୟ କେବଳ ଅନ୍ଧାର କୁହୁଡ଼ିରେ ଭର୍ତ୍ତି ଓ ଜହ୍ନର ରକ୍ତଧଳା, ସନ୍ଧ୍ୟା ଏଠି ଅସୀମ ଛଳନା, ସମୁଦ୍ରର ରଙ୍ଗ ରାତିର ଅନ୍ଧାର ପରି ଆକାଶରେ ଉଠୁଥାଏ ପାଣ୍ଡୁର ମ୍ରିୟମାଣ ଜହ୍ନ। ଫୁଲରେ ନାହିଁ ତିଳେ ପରାଶର ରେଣୁ, ବସନ୍ତ ଆଜି ପଳାତକ, ଫୁଲସବୁ ପଡ଼େଝରି ମ୍ଳାନ କୁହୁଡ଼ିରେ ଅଥବା ଜୀବନଟା ମରିଚିକା ପରି ନିଜ ପାଇଁ ଗୋଟିଏ ପୃଥିବୀ ଗଢ଼ିବା ଛଡ଼ା, ସେ ଆଉ କ'ଣ କରିପାରିଥାନ୍ତେ ।

"ପୃଥିବୀର ଆରପଟେ
ଆଉ ଏକ ପୃଥିବୀ ରହିଛି ।"(୨)
(ଅନ୍ୟ ପୃଥିବୀ, ପୃ.୫୧୯)

ତାଙ୍କପାଇଁ ବାହାର ପୃଥିବୀ ଯେତିକି ଯନ୍ତ୍ରଣାଦଗ୍ଧ ଭିତରେ ପୃଥିବୀ ସେତିକି ଶାନ୍ତ । ନିଜକୁ ଘେରି ରହିଥିବା ଅନ୍ଧାର ଥିଲା ତାଙ୍କ ପାଇଁ ଖୁବ୍ ଅନ୍ତରଂଗ । ଏଇ ନିବିଡ଼ ଅନ୍ଧାର ହିଁ ତାଙ୍କ ବଞ୍ଚିବାକୁ ଅର୍ଥପୂର୍ଣ୍ଣ କରେ ।

"ଅନ୍ଧାର ଆଲୁଅଠୁଁ
ଆହୁରି ଉଜ୍ଜ୍ୱଳ
ବଞ୍ଚିବାର ପ୍ରଚୁର ଅବସର
ମିଳେ ଏ ଅନ୍ଧାରେ ।"

ଅନ୍ଧାରକୁ ଅନ୍ତରଙ୍ଗ କରିପାରିବାର ସାହାସ ଓ ସାମର୍ଥ୍ୟ ଆଉ କେତେ ଜଣଙ୍କର ଅଛି? ତାଙ୍କ ପୃଥିବୀରେ ଶହେବର୍ଷର ନିସ୍ତବ୍ଧତା ଜମାଟବାନ୍ଧି ରହିଥିଲା । ଏହି ନିରବତା ଭିତରେ ତାଙ୍କର ସମଗ୍ର ଜୀବନ ସୃଷ୍ଟି ଓ ନିମନ୍ତ୍ରିତ ।

"ସାର୍ଥକ ସର୍ଜନା ପାଇଁ
ନିସ୍ତବ୍ଧତା, ନୀରବତା, ନିର୍ଜନତା
ଏକାନ୍ତ ପ୍ରୟୋଜନ ହୁଏ
ମୋ ନିଃସଂଗ ଜୀବନକୁ
ଶତାବ୍ଦୀ ପ୍ରାଚୀନ ଏଇ ନିସ୍ତବ୍ଧତା
ସଂଗଦାନ କରେ ଆଉ
ଅନ୍ଧାରକୁ ଆହୁରି ବର୍ଣ୍ଣାଢ଼ କରେ
ଶବ୍ଦଙ୍କର ଡେଣା କାଟିଦେଇ ।"

ଜୀବନରେ, କବିତାରେ ଏହାହିଁ ଥିଲା ତାଙ୍କର ମୂଳକର୍ମ । ଏଇଥିପାଇଁ ତାଙ୍କ ଜୀବନ ଓ କବିତା ଭିତରେ ବ୍ୟବଧାନ ଏତେ କମ୍ । ଅବିବାହିତ ଜୀବନ, ଖୁବ୍ କମ୍ ଅନ୍ତରଗ ବନ୍ଧୁ, କାଳୀଗଳି, କାଠଯୋଡ଼ି, ନଈବନ୍ଧ, ନିଜ ଲେଖା କବିତା ଏହାହିଁ ଥିଲା ତାଙ୍କର ସୀମିତ ପୃଥିବୀ।"(୩)

ସାରାରାତି ଅନ୍ଧାର ଭିତରେ ରହୁଥିବା ମଣିଷଟି ସ୍ୱପ୍ନଛଡ଼ା ଆଉ କ'ଣ ବା ଦେଖିପାରିଥାନ୍ତା? ତାଙ୍କ ଜୀବନରେ ପ୍ରେମିକାର ସ୍ମୃତି, ଜହ୍ନରାତି ଏତେ ସ୍ୱପ୍ନିଳ! ସ୍ୱପ୍ନ ତାଙ୍କ ନିଃସଂଗତାକୁ ଆହୁରି ନିବିଡ଼ କରିଦିଏ । ପାଇବାର କାମନାକୁ ଆହୁରି ନିରନ୍ଧ୍ର କରିଦିଏ । ଜୀବନର କୁଢ କୁଢ ବ୍ୟର୍ଥତା ଭିତରେ ବିନୋଦିନୀ, ସାଗରକନ୍ୟା, ଦେବଯାନୀ ସମସ୍ତେ ଆସନ୍ତି ତାଙ୍କ ସ୍ୱପ୍ନରେ, ମୋହରେ ବ୍ୟର୍ଥତାରେ, ଅନ୍ଧାରରେ ଭଲ ପାଇବାରେ –

"ମୁଁ କାହିଁକି ଦେଖିଲି ସ୍ୱପ୍ନ
ରାତି ବାରଟାରେ
ତୁମେ ମୋତେ ଭଲପାଅ
ବୋଲି ।"
ଅଥବା
"ମୋ ସ୍ୱପ୍ନରେ ସେମାନେ ଅଛନ୍ତି
ଅଶରୀର ସେମାନେ ସମସ୍ତେ ।"

ସ୍ୱପ୍ନ ଭିତରେ ଭଲପାଇବାର ଅସୀମ ତୃପ୍ତି । ଭଲ ପାଇବାର ଉଷ୍ମତାରେ ତାଙ୍କ କବିତା ଭରପୁର ପ୍ରେମିକାକୁ, ପୃଥିବୀକୁ ବୋଧହୁଏ ଏଇଥିପାଇଁ ଯେ ଅନ୍ଧାର ଯେତିକି ନିବିଡ଼, ପାଇବାର ମୋହ ସେତିକି ତୀବ୍ର ।

"ଖାଲି ତୁମେ ଆସ ରାତି ହେଲେ
ଜହ୍ନ ଆଉ ତାରାର ତିମିରେ
ଖୋଜି ଖୋଜି ବାଟ
ଶୁଣି ଶୁଣି ମନର କୁହାଟ ।"

ସ୍ୱପ୍ନକୁ ଏତେ ଭଲ ପାଉଥିବା ମଣିଷଟି ପାଇଁ ବଞ୍ଚିବାର ମୋହ ଆହୁରି ତୀବ୍ର, ନିଜର ପୃଥିବୀ ଆହୁରି ଆକର୍ଷଣୀୟ ଠିକ୍ ହଳଦୀ ପତ୍ରର ବାସ୍ନା ଭଳି ।

"ନିଦ୍ରା ମୋର ସ୍ୱପ୍ନ ହୋଇଯାଏ,
ଇନ୍ଦ୍ରଧନୁ ବର୍ଣ୍ଣରେ ବିରଳ,
ସ୍ନେହ, ପ୍ରେମ, ମମତାରେ
ଏ ପୃଥିବୀ ସ୍ୱର୍ଗ ସମତୁଲ
ବଞ୍ଚିବାକୁ ମୁଁ ଯେ ଭଲପାଏ ।"

ଜୀବନକୁ, ସ୍ୱପ୍ନକୁ, ଅନ୍ଧକାରକୁ, ନିଃସଂଗତାକୁ ଏପରିକି ମୃତ୍ୟୁକୁ ଏତେ ଭଲପାଉଥିବା ଜଣେ କବି ଏ ଯୁଗରେ ବିରଳ । ବୋଧହୁଏ ତାଙ୍କର ଦୁଃଖ ଯେ ଏ ପାରିରେ ସ୍ୱପ୍ନ ଅଭାବ, ଜୀବନ ଅଭାବ, ଚନ୍ଦନ ବନରେ ଅଭାବ, ସେଇଥିପାଇଁ ଏସବୁ ପାଇବାକୁ ସେ ଆଜି ଆରପାରିରେ ।

"ଯେଉଁଦିନ ଜହ୍ନ ଆସି ଫେରିଯିବ
ମୋତେ ଖୋଜି ଖୋଜି
ଯେଉଁ ଦିନ ମେଘମାନେ

ଆକାଶରେ କେବଳ ପ୍ରହରୀ,
ଚୁପ୍‌ଚାପ ଠିଆ ହୋଇଥିବେ,
ଅବାଧ ସଂଚରଣ କଥା
ବେବାକ୍ ଭୁଲିଯାଇଥିବେ ।
ସେଦିନ ମୁଁ ପୃଥିବୀରୁ ବିଦାୟ ନେବି ।”

ନିଜ ଜୀବନର ସବୁ ପର୍ଯ୍ୟାୟରେ ହସ, କାନ୍ଦ, ବିରହ, ବିଚ୍ଛେଦ, ଆଶା, ନିରାଶା, ପୁଣି ସବୁ ଦୁଃସ୍ୱପ୍ନ ଓ ଦୁଃସ୍ଥିତି ଭିତରେ ସାରାକାଳ ଜହ୍ନ ଓ ନିଜ ସ୍ୱପ୍ନକୁ ଭଲପାଇ ବଞ୍ଚିଥିବା ଲୋକଟି କେବଳ ଏକଥା ହିଁ କଳ୍ପନା କରିପାରେ। ସେ ହିଁ କେବଳ କହିପାରେ ଯେ ଯେଉଁଦିନ ମୁଁ ପୃଥିବୀକୁ ଫେରିବିନି ସେଦିନ ଗୋଧୂଳି ଆଉଟିକେ ଦୀର୍ଘତର ହେବ । ନଈପଠା କାଶତଣ୍ଡି ଆବେଗର ଫୁଲିଫୁଲି ମଥା ପିଟୁଥିବେ, କାଶତଣ୍ଡି ଓ କାଠଯୋଡ଼ିରେ ଚିର ପ୍ରେମିକ, ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ପ୍ରମୁଖ ସ୍ରଷ୍ଟା କବି ରାଓ ଆମଠାରୁ ବିଦାୟ ନେଇଛନ୍ତି ।

“ସେପାରିରେ ଯେତେ ସ୍ୱପ୍ନ
ପ୍ରତ୍ୟାଶାର ହାତ ଧରି ଚାଲିଯିବି ଦିନେ ଆରପାରି,
ଦିଗ୍‌ବଳୟ ବୋଲି ହୋଇ ମୁଠାମୁଠା ମାୟାବୀ ଅବିର,
ଠିକ୍ ଯାଇ ପହଞ୍ଚିବି ଚନ୍ଦନ ବନରେ
ଯେଉଁଠାରେ ବସିଥିଲେ ଏକଦା ଈଶ୍ୱର ।”

ହେ ଭଗବାନ, ଏପାରିରେ ଏତେ ସ୍ୱପ୍ନ, ଏତେ ବାସ୍ନା ଭରିଦିଅ ଯେ କବି ଭାନୁଜୀ ରାଓଙ୍କ ଭଳି ଆଉ କେହି ବାସ୍ନା ମୋହରେ ଆରପାରିକୁ ଯିବାର ସ୍ୱପ୍ନ ଆଉ ଯେମିତି ଦେଖିବେ ନାହିଁ ।

୧୫ ନଭେମ୍ବର ୨୦୦୧ କଟକ ସହରର ସତୀ ଚଉରାଠାରେ ଶୋକାର୍ତ୍ତ ସଂଧ୍ୟାରେ ଶୀତଳ ଅନ୍ଧକାରକୁ ଶିହରିତ କରି ସେଦିନ ଜଳି ଉଠିଥିବା ସେହି ଚିତାନଳ ଲିଭିଯାଇଛି ସବୁଦିନ ପାଇଁ । ଶେଷ ହୋଇଛି ସବୁ ଅବଶୋଷ ଆଉ ଅଭିମାନ ... ସମାପ୍ତ ହୋଇଛି ସବୁ ଅତୃପ୍ତି ଓ ଅପ୍ରାପ୍ତିର ଐକ୍ୟତାନ । ତାଙ୍କର ଅନ୍ତିମ କାବ୍ୟକୃତି ‘ଗୋଧଳି ରଙ୍ଗର ଗଳି’ର ଅନ୍ତିମତମ କବିତାରୁ ପ୍ରଥକ ଓ ଶେଷ କେଇ ଧାଡ଼ି -

“ସବୁକିଛି ଯାଏ ସରି ଯାଏ ଦିନେ
ଛଞ୍ଚାପାରା ତିର୍ଯ୍ୟକ୍ ଉଡାଣ
କାଶତଣ୍ଡି ବଣ
ନିଛାଟିଆ ପଇପଠା
ମଲାଜହ୍ନ ଶୋଇଛି ଯେଉଁଠି,
ଏମିତି ସରିଯିବ ଦିନେ ଦିନେ ଦିନ,
ରାତି ଆସି ବିଛାଇବ,
ନିବିଡ଼ ଚଦର ଏକ ଅନ୍ଧାରର ।”(୫)
(ଗୋଧୂଳି ରଙ୍ଗର ଗଳି, ପୃ.୫୧୯)

କବିତାରେ ଅଜସ୍ରବାର ପୂର୍ଣ୍ଣମୀ ଓ କୋଜାଗରୀ ଜହ୍ନର ଚିତ୍ର ଆଙ୍କିଥିବା କବି ଭାନୁଜୀ ରାଓ ଚିର ବିଦାୟ ନେଇଗଲେ ଦୀପାବଳୀ ବାସିଦିନ ଅମାବାସ୍ୟା ତିଥିରେ । ଅମାବାସ୍ୟାର ଏଇ ଅନ୍ଧ ମୁହାଣରେ ସେଇ ଆଲୋକ ପୁରୁଷଙ୍କୁ ସହସ୍ର ପ୍ରଣାମ ।

**ସହାୟକ ଗ୍ରନ୍ଥସୂଚୀ**

(୧) ଭାନୁଜୀ ରାଓ: ୩ ନଭେମ୍ବର ୧୯୨୬-୧୫ ନଭେମ୍ବର ୨୦୦୧-କାହାଣୀ, କଲ୍ୟାଣୀ ନଗର, କଟକ, ପୃ.୭୦
(୨) ଭାନୁଜୀ ରାଓ: କବିତା ସମଗ୍ର ପରପର୍ବ, ଶବ୍ଦଶଙ୍ଗେ, ଶୃଙ୍ଗାର-ଅନ୍ୟ ପୃଥିବୀ, ପୃ.୧୫୩
(୩) ଭାନୁଜୀ ରାଓ: ସବୁଜରୁ ସାଂପ୍ରତିକ, ଡଃ ନିତ୍ୟାନନ୍ଦ ଶତପଥୀ, ପଞ୍ଚମ ସଂସ୍କରଣ, ୨୦୦୮, ଗ୍ରନ୍ଥମନ୍ଦିର, ପୃ.୫୦୪-୫
(୪) ଭନୁଜୀ ରାଓ: ସୁସ୍ମିତା ରଥ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପ୍ରଥମ ସଂସ୍କରଣ, ୨୦୧୩, ପୃ.୫୬
(୫) ଭାନୁଜୀ ରାଓ: କବିତା ସମଗ୍ର ପରପର୍ବ, ଗୋଧୂଳି ରଙ୍ଗର ଗଳି, ପୃ.୫୧୯